ଆଞ୍ଚଳିକ

The Samaja



Friday,11 Nov 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

- Entertainment
- Subscriptions
- Advertisements

## ବିଜ୍ଞାନ ପ୍ରତିଷ୍ଠାନ ଓଡ଼ିଶାରୁ ସ୍ଥାନାନ୍ତର ପାଇଁ ବାମପନ୍ଥୀମାନେ କ୍ଷୁବ୍ଧ

ଭୁବନେଶ୍ୱର (ତଥ୍ୟ)- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ଓଡ଼ିଶାରୁ ଉଠାଇନେବା ପାଇଁ କେନ୍ଦ୍ର ସରକାର କରିଥିବା ଷଡ଼ଯନ୍ତ୍ର ବାମପନ୍ଥୀ ଦଳକୁ ବଦନାମ କରିବା ସକାଶେ ଉଦ୍ଦିଷ୍ଟ । ଏଥିପାଇଁ ସିପିଆଇ ଓ ସିପିଏମ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିକ୍ଷୋଦ୍‌ଗାର କରିବା ସଂଗେ ସଂଗେ ଖୁବ୍‌ଶୀଘ୍ର ଆନ୍ଦୋଳନ ଆରମ୍ଭ କରିବେ ବୋଲି ସତର୍କବାଣୀ ଶୁଣାଇଛନ୍ତି । ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଭଳି ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନ ଏଠାରୁ କଲକାତାକୁ ଉଠିଯିବା ଓ ଏ ପରିପ୍ରେକ୍ଷୀରେ ବାମପନ୍ଥୀ ଦଳମାନଙ୍କର ହାତ ଅଛି ବୋଲି ଗଣମାଧ୍ୟମରେ ଯେଉଁ ଅଭିଯୋଗ କରାଯାଉଛି, ତାହାକୁ ଦୃଢ଼ ଭାବରେ ସିପିଆଇ ଓ ସିପିଏମ ଖଣ୍ଡନ କରିଛନ୍ତି । ଉଭୟ ଦଳର ରାଜ୍ୟସ୍ତରୀୟ ନେତାମାନେ କହିଛନ୍ତି ଯେ କୌଣସି ପରିସ୍ଥିତିରେ ଏହି ଜାତୀୟ ଶିକ୍ଷାୟତନକୁ ସ୍ଥାନାନ୍ତରିତ କରିବାର ସୁଯୋଗ ଦିଆଯିବ ନାହିଁ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟ ଉଚ୍ଚନ୍ୟାୟାଳୟ ପ୍ରସ୍ତାବିତ ବିଜ୍ଞାନ ପ୍ରତିଷ୍ଠାନର ସ୍ଥାନାନ୍ତରଣ ଉପରେ ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଜାରି କରିବା ଫଳରେ ଆପାତତଃ ଏହା ଅଟକି ରହିଛି; କିନ୍ତୁ କେନ୍ଦ୍ର ପ୍ରତିଷ୍ଠାନକୁ ପଶ୍ଚିମବଙ୍ଗକୁ ଉଠାଇ ନେବାଲାଗି ଅଟଳ ଥିବା ଦୃଷ୍ଟିରୁ ଏହା କରାଇ ଦିଆଯିବ ନାହିଁ ବୋଲି ସିପିଆଇ ରାଜ୍ୟ ପରିଷଦ ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ଆଜି ଏଠାରେ ସ୍ପଷ୍ଟଭାବରେ କହିଥିବା ବେଳେ ସିପିଏମ ନେତା ଜନାର୍ଦ୍ଦନ ପତି ଆଉପାଦେ ଆଗେଇଯାଇ କେନ୍ଦ୍ରର ଏହି ପଦକ୍ଷେପ ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚଳାଯିବ ବୋଲି ଘୋଷଣା କରିଛନ୍ତି । ଆଗାମୀ ସପ୍ତାହରେ ପ୍ରଥମ ପର୍ଯ୍ୟାୟରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ଆୟୋଜନ କରାଯିବ । ଶ୍ରୀ ପତି କହିଛନ୍ତି ଯେ କେବଳ ବିଜ୍ଞାନ ପ୍ରତିଷ୍ଠାନ କାହିଁକି, ନିଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍‌ସ) ପ୍ରତିଷ୍ଠାର ଲଲିପପ୍ ଦେଖାଇ ଏନଡିଏ ନେତୃତ୍ୱ ଓଡ଼ିଶାକୁ ଠକିବା ପରେ ପେଟ୍ରୋ ରସାୟନ ପ୍ରକଳ୍ପ ପ୍ରସଙ୍ଗ ଉପରେ କେନ୍ଦ୍ର ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି । ଏହା ରାଜ୍ୟର ଦୁର୍ବଳ ନେତୃତ୍ୱ ଯୋଗୁଁ ଘଟୁଛି । ଅନ୍ୟାନ୍ୟ ରାଜ୍ୟ ମାନଙ୍କର ସାଂସଦମାନେ କେନ୍ଦ୍ର ଉପରେ ଯେଉଳି ପ୍ରବଳ ଚାପ ପ୍ରୟୋଗ କରୁଛନ୍ତି, ତାହା ଆମ ସାଂସଦମାନଙ୍କ ପାଖରେ ଦେଖାଯାଉନାହିଁ । ଏମାନେ ମୁହଁରେ ତୁଣ୍ଡିବାନ୍ଧି ବସିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।





Ph








The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)